# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10 January - 2025**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନରେ ସାମିଲ ହେବାକୁ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି; ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୭ ଜଣ ସମ୍ମାନିତ

— ଉଦ୍‌ଯାପିତ ହେଲା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ

- ଓଡ଼ିଶାବାସୀ ପ୍ରବାସୀଙ୍କୁ ସର୍ବଦା ସ୍ୱାଗତ କରିବେ; କହିଲେ ମୁଖ୍ୟମନ୍ତ୍ରୀ
- ହକି ଇଣ୍ଡିଆ ଲିଗ୍‌ରେ ଆଜି ଶ୍ରଚି ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା

ଏବଂ

- ରାଜ୍ୟର ୫ଟି ଜିଲ୍ଲାରେ ଘନକୁହୁଡ଼ି ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ପ୍ରବାସୀ ଭାରତୀୟ-ରାଷ୍ଟ୍ରପତି

ଆସନ୍ତା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରବାସୀ ଭାରତୀୟମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଅଭିଭାଷଣ ପ୍ରଦାନ କରି ରାଷ୍ଟ୍ରପତି କହିଛନ୍ତି, ବିକଶିତ ଭାରତ ଗଠନ କେବଳ ସରକାରଙ୍କ ଲକ୍ଷ୍ୟ ନୁହେଁ, ବରଂ ଏହା ଜାତୀୟ ଅଭିଯାନ। ପ୍ରତ୍ୟେକ ଭାରତୀୟ ତଥା ପ୍ରବାସୀ ଭାରତୀୟଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ହିଁ ବିକଶିତ ଭାରତ ଗଠନ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -** President

ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ ଆଜି ବିଶ୍ୱସ୍ତରରେ ପ୍ରଗତିର ନୂଆ ଆଶା ଦେଖାଇଛି। ଏଥିରେ ପ୍ରବାସୀ ଭାରତୀୟଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରବାସୀ ଭାରତୀୟ ଦିବସ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତ ଏବଂ ଏହାର ପ୍ରବାସୀଙ୍କ ଭିତରେ ସମ୍ପର୍କକୁ ସୁଦୃଢ଼ କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ରାଷ୍ଟ୍ରପତି କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ  ମାଝୀ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରବାସୀ ଭାରତୀୟଙ୍କୁ ଯୋଗଦାନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାବାସୀ ସର୍ବଦା ପ୍ରବାସୀଙ୍କୁ ସ୍ୱାଗତ କରିବେ। ଭୁବନେଶ୍ୱରରେ ଏହି ସମ୍ମିଳନୀର ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଚ୍ଚତର ହୋଇପାରିଛି। ସମ୍ମିଳନୀର ଆୟୋଜନ ପରେ ବିଶ୍ୱ ଦରବାରରେ ଓଡ଼ିଆ କଳା, ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## - V/O - CM

ଆଜି ଓଡ଼ିଶାର ରବିକୁମାର ଏସ୍. ମଧ୍ୟ ସମ୍ମାନିତ ହୋଇଛନ୍ତି। ସମ୍ମାନ ଗ୍ରହଣ କରିବା ପରେ ଶ୍ରୀ କୁମାର ନିଜ ମାତୃଭୂମିକୁ ଫେରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

## - V/O -

ଜନତା ମଇଦାନରେ ପ୍ରବାସୀ ଓଡ଼ିଆମାନେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନିଜ ଅନୁଭୂତି ବାଣ୍ଟିଛନ୍ତି। ସୂଚନା ଅନୁସାରେ, ଜନସାଧାରଣଙ୍କ ପାଇଁ ଆସନ୍ତାକାଲିଠାରୁ ଦୁଇଦିନ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ ଖୋଲା ରହିବ ବୋଲି ଜଣାପଡିଛି।

**ପ୍ରବାସୀ ଭାରତୀୟ-୨**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ହରିୟାଣାର ପର୍ଯ୍ୟଟନମନ୍ତ୍ରୀ କନୱର୍‌ପାଲ ଗୁଜ୍ଜର ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଓଡ଼ିଶା ପ୍ରଦର୍ଶନୀ କକ୍ଷ ବୁଲିବା ସହ ଏହାର ପ୍ରଶଂସା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ମହାନ୍ ପରମ୍ପରାକୁ ଲୋକଲୋଚନ କରାଇ ବିଶ୍ୱବିଦିତ କରିବାରେ ଏହି ଅଭିନବ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତିର ବହୁଳ ପ୍ରଚାର ପ୍ରସାର ହେବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ସୂଚନା ଅନୁସାରେ, ପ୍ରଦର୍ଶନୀରେ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରା, ଲୋକକଳା, ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ, ପର୍ବପର୍ବାଣୀ ଆଦିକୁ ପ୍ରଦର୍ଶିତ କରାଯାଉଛି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ଶ୍ରଚି ରାଢ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ସଂଧ୍ୟାରେ ଖେଳାଯାଇଥିବା ପୁରୁଷ ବର୍ଗ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲ୍‌ରେ ଗୋନାସିକାକୁ ପରାସ୍ତ କରି ବିଜୟୀ ହୋଇଥିଲେ । କଳିଙ୍ଗ ଲାନ୍ସର୍ସ ୫ଟି ମ୍ୟାଚ୍‌ରୁ ମୋଟ୍ ୭ ପଏଣ୍ଟ ପାଇଥିବାବେଳେ ଗୋନାସିକା ଦଳ ୪ ପଏଣ୍ଟ ପାଇଛି ।

## ଉତ୍କର୍ଷ ଓଡ଼ିଶା

**ସମ୍ବଲପୁର** ଜିଲ୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ ବୁର୍ଲାସ୍ଥିତ ଉଦ୍ୟମିତା ସେଲ୍ ସହଯୋଗରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ପ୍ରୋତ୍ସାହିତ କାର୍ଯ୍ୟକ୍ରମ 'ଉତ୍କର୍ଷ ଓଡ଼ିଶା ୨୦୨୫' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ପତି, ଷ୍ଟାର୍ଟଅପ୍ ଓଡ଼ିଶା ସିଏଫ୍ଓ ଡକ୍ଟର ପି.କେ.ମଲ୍ଲିକ ପ୍ରମୁଖ ଯୋଗଦେଇ ଷ୍ଟାର୍ଟଅପ୍ ଓଡ଼ିଶାର ସଫଳତା ଓ ସୁଯୋଗ ଉପରେ ଆଲୋକପାତ କରିଛନ୍ତି।

## ଭୋଟର ଦିବସ

ଦେଶବ୍ୟାପୀ ଆସନ୍ତା ୨୫ ତାରିଖରେ ୧୫ତମ ଜାତୀୟ ମତଦାତା ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ **ଦେବଗଡ** ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୬ ତାରିଖରେ ଦେବଗଡ଼ ମହାବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ୨୫ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଦୁର୍ଘଟଣା-ତଦନ୍ତ ନିର୍ଦ୍ଦେଶ

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍‌ର ଗୁଣ୍ଡୁଣି ଗ୍ରାମରୁ କାଳିଜାଇକୁ ଯାଉଥିବା ବସ୍ ଦୁର୍ଘଟଣାର ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଜେନା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରପ୍ରତି ସମବେଦନା ଜଣାଇଛନ୍ତି ଏବଂ ଆହତ ବ୍ୟକ୍ତିଙ୍କ

ପାଇଁ ଚିକିତ୍ସା ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏସ୍.ଟି.ଏ'ର ଏକ ସ୍ୱତନ୍ତ୍ର ଦଳକୁ ଘଟଣାସ୍ଥଳ ଯାଇ ତଦନ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୦ ଜଣ ଯାତ୍ରୀ ଆହତ ହୋଇଥିଲେ ।

## ଦିବ୍ୟଦୃଷ୍ଟି ଯୋଜନା

**ଗଞ୍ଜାମ** ଜିଲ୍ଲା ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଅନସ୍କୋ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଜି ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ ହୋଇଛି । ଛତ୍ରପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞମାନେ ଯୋଗଦେଇ ୧୫୦ ଜଣ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରିଥିଲେ ।

## ଫସଲ ବୀମା ବୈଠକ

**ଦେବଗଡ**ଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ତୃତୀୟ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାର ସମୁଦାୟ ୭୦ଟି ଗ୍ରାମ ପଂଚାୟତ ଓ ଗୋଟିଏ ପୌରପରିଷଦରେ ଖରିଫ ଋତୁରେ ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ଓ କୃଷି ବିଭାଗ ପକ୍ଷରୁ ହୋଇଥିବା ଶସ୍ୟକାଟ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଶସ୍ୟକାଟ ଯୋଗୁଁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ଲୋକଉତ୍ସବ

**ବଲାଙ୍ଗିର** ଜିଲ୍ଲା ପାଟଣାଗଡଠାରେ ଆଜି ଉପଖଣ୍ଡସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଲୋକବାଦ୍ୟ ଏବଂ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

## ନୟାଗଡ଼ ପେକ୍ସ-୨୦୨୫

**ନୟାଗଡ଼** ଡାକମଣ୍ଡଳ ପକ୍ଷରୁ ଅନୁଷ୍ଠିତ ପ୍ରଥମ ଜିଲ୍ଲାସ୍ତରୀୟ ଡାକଟିକଟ ପ୍ରଦର୍ଶନୀ 'ନୟାଗଡ଼ ପେକ୍ସ-୨୦୨୫' ଉଦ୍‌ଯାପିତ ହୋଇଛି। ଆୟୋଜିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଡାକଟିକଟ ଦେଶର କଳା, ସଂସ୍କୃତି, ବିଜ୍ଞାନକୁ ଲୋକପ୍ରିୟ କରିବା ସହ ଏହାର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଛନ୍ତି।

## ପୁତ୍ରଦା ଏକାଦଶୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ରୀତିନୀତି ଅନୁଯାୟୀ ପୁତ୍ରଦା ଏକାଦଶୀ ପାଳନ କରାଯାଉଛି। ସନ୍ଧ୍ୟା ଆଳତୀ ନୀତି ପରେ ଚୂନରା ସେବକଙ୍କ ଦ୍ୱାରା ନୀଳଚକ୍ର ନିକଟରେ ମହାଦ୍ୱୀପ ଉଠାଯିବା ସହ ଜଗତ୍‌କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଉଛି।

# ହିନ୍ଦୀ ଦିବସ

ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି । ହିନ୍ଦୀ ଭାଷା ସାଧାରଣ ଭାବରେ ସରଳ

ସମୃଦ୍ଧ ଭାଷା ହୋଇଥିବାରୁ ବିଶ୍ୱର ସବୁଠାରୁ ଅଧିକ କୁହାଯାଉଥିବା ୫ଟି ଭାଷା ମଧ୍ୟରେ ହିନ୍ଦୀ ଭାଷା ସ୍ଥାନ ପାଇଛି । ୧୯୭୫ ମସିହାରେ ଆଜିର ଦିନରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ପ୍ରସ୍ତାବ ହୋଇଥିଲା । ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି । ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଆନା, ତ୍ରିନିଦାଦ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ବ୍ୟବହାର କରାଯାଇଥାଏ । ଚଳିତବର୍ଷର ବିଶ୍ୱ ହିନ୍ଦୀ ଦିବସର ବାର୍ତ୍ତା ହେଉଛି 'ସାଂସ୍କୃତିକ ଗୌରବର ବୈଶ୍ୱିକ ଏକତାର ସ୍ୱର' ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ହିନ୍ଦୀ ଦିବସରେ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ  ସମସ୍ତେ ମିଳିତ ଭାବେ ହିନ୍ଦୀ ଭାଷାକୁ ଆଗେଇ ନେବା ଲାଗି ଆହ୍ୱାନ ଦେଇଛନ୍ତି ।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରକୋପ ହ୍ରାସ ପାଇବ । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ

ଦୁଇଟି ସ୍ଥାନରେ ଘନକୁହୁଡ଼ିର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*********************************